# Akashvani, Sambalpur

# SAMBALPURI NEWS BULLETIN

## 16 January 2026 – 6.47- 6.52 am.

***********************************************

ଷ୍ଟାର୍ଟ ଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି          ପି.ଆଇ.ବି.

ଦେଶେ ନୂଆ ସୃଜନ୍‌କେ ତହଁକାବାର୍, ଉଦ୍ୟମୀମାନ୍‌ଙ୍କୁ ଆଗ୍‌କେ ବଢ଼ାବାର୍ ଆଉ ନିବେଶ୍ ଆଧାରିତ୍ ବିକାଶ୍‌କେ ସକ୍ଷମ୍ କର୍‌ବାର ଲକ୍ଷ୍ୟଥି ୨୦୧୬ ମସିହା ଜାନୁୟାରୀ ୧୬ ତାରିଖ୍ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷ୍ଟାର୍ଟ ଅପ୍ ଇଣ୍ଡିଆ ଅଭିଯାନ୍‌ର ଶୁଭାରମ୍ଭ କରିଥିଲେ ।

ଷ୍ଟାର୍ଟ ଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଯୋଗ୍ ଦେଇକରି ଦେଶର୍ ଭାଇବ୍ରେଂଟ୍ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌ଥି ଜୁଡ଼ି ହେଇକରି ଥିବା ପ୍ରତିନିଧିମାନ୍‌ଙ୍କର ସଙ୍ଗେ ଆଲୋଚନା କର୍‌ବେ ।

ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

*ଗଲା ୧୦ ବଛର୍ ହେଲା ଷ୍ଟାର୍ଟଅପ୍ ଇଣ୍ଡିଆ ଭାରତର୍ ବର୍‌କସ୍ ଉଦ୍ୟୋଗ୍ ଇକୋ ସିଷ୍ଟମ୍‌କେ ବିକଶିତ୍ କର୍‌ବାର୍‌ଥି ନିର୍ଣ୍ଣାୟକ ଭୂମିକା*

ନେଇଛେ । ଷ୍ଟାର୍ଟଅପ୍ ଦିବସ୍ ଅବ୍‌ସରେ ବାହାରିଥିବା ଗୁଟେ ରିପୋର୍ଟ ଅନ୍‌ସାରେ, ଦେଶେ ଇହାଦେ ପୁର୍‌ଥିର୍ ସବୁନୁ ବଡ଼ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ରହିଛେ, ଯେନ୍‌ଟାକି ବଛର୍‌କ ୧୨ ନୁ ୧୫ ପ୍ରତିଶତ୍ ହାରଥି ବଢୁଛେ । ୨୦୧୪ ମସିହାଥି ଦେଶେ ମାତର୍‌କ ୩ ଶହ ୫୦ ଟା ଡିପିଆଇଆଇଟି ମାଏନ୍‌ତା ପାଇଥିବା ଷ୍ଟାର୍ଟଅପ୍ ଥିଲା । ମାତର୍‌କ ଇହାଦେ ଇ ସଂଖ୍ୟା ୨ ଲାଖ୍ ୧୦ ହଜାର୍‌ନୁ ଅଏତ୍‌କା ହେଇଛେ । ଇ ସମିଆ ଭିତ୍‌ରେ ଓଡ଼ିଶା ନ ପଞ୍ଜିକୃତ ଷ୍ଟାର୍ଟଅପ୍ ସଂଖ୍ୟା ୨ ହଜାର୍ ୫ ଶହ ୧୯ କେ ବଢ଼ିଛେ । ସବୁନୁ ବଡ଼ କଥା ହେଲା ଦେଶର୍ ୪୫ ପ୍ରତିଶତ୍ ଷ୍ଟାର୍ଟଅପ୍‌ର ନେତୃତ୍ୱ ମହିଳାମାନେ ନେଉଛନ୍ । ଆକାଶ୍‌ବାଣୀ ସମ୍ବଲପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।

ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଆଉ ଆଏବା କାଏଲ୍ କୋଲ୍‌କାତାର୍ ସୋନାର୍ ବାଙ୍‌ଲା ଠାନେ ହେବାର୍‌କେ ଥିବା ନିବେଶକ ସମ୍ମିଳନୀଥି ଯୋଗ୍ ଦେବେ । ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ୍ ଦେବାର୍ ସହେତେ ଦେଶ୍ ବିଦେଶ୍‌ର ଶିଳ୍ପପତି ଆଉ ନିବେଶକ୍ ମାନ୍‌କର୍ ସାଙ୍ଗେ ଝନ୍‌ଝନ୍‌କରି ଆଲୋଚନା କରିକରି ରାଏଜେ ପୁଞ୍ଜିନିବେଶ୍ ଲାଗି ଆହ୍ୱାନ୍ ଦେବେ । ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ,

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଉ ଗୁଟେ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଲୀ ଭିଲ୍ ଯିବେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ଉଦ୍ୟୋଗୀ ପି.ଆଇ.ବି.

ଓଡ଼ିଶାକେ ଖାଲି ଗୁଟେ କଂଚାମାଲ୍ ଯୋଗାଣକାରୀ ରାଜ୍ୟ ଭାବେ ନାଇଁ ଦେଖିକରି ଜ୍ଞାନ ଆଧାରିତ୍ ଅର୍ଥନୀତି ଆଉ ଉତ୍ପାଦନ୍ କେନ୍ଦ୍ର ଭାବେ ଗଢ଼୍‌ବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍ୟୋଗୀମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଭୁବନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ପୂର୍ବୋଦୟ ପରିକଳ୍ପନାଥି ଓଡ଼ିଶା କେନ୍ଦ୍ରବିନ୍ଦୁଥି ରହିଛେ । ଓଡ଼ିଶାର୍ ପ୍ରାକୃତିକ୍ ସମ୍ପଦ୍ ଆଉ ଉତ୍କୃଷ୍ଟ ମାନବ୍ ସମ୍ବଲ୍ ଆମ୍‌କୁ ବିଶ୍ୱ ମାନଚିତ୍ରଥି ଗୁଟେ ଖାସ୍ ପରିଚୟ ଆନିଦେବା । ପ୍ରାକୃତିକ ସମ୍ପଦ, ସମ୍ଭାବନା, ଯୁବଶକ୍ତି ଆଉ ବୈଷୟିକ ଜ୍ଞାନ୍‌କୌଶଲ୍‌ର ତାଲ୍‌ମେଲ୍‌ଥି ଓଡ଼ିଶା ଗୁଟେ ନୂଆଁ ଆର୍ଥିକ୍ ଅଧ୍ୟାୟ ତିଆର୍ କର୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏବା କିଛି ଦିନ୍ ଭିତ୍‌ରେ ଭିନ୍ ଭିନ୍ ଜିଲ୍ଲାକେ ଯାଇକରି ଜନକଲ୍ୟାଣ୍‌କାରୀ କାର୍ଯ୍ୟକ୍ରମ୍ ମାନ୍‌କର୍ ସମୀକ୍ଷା କର୍‌ବେ । ପହେଲା ଖେପ୍‌ଥି ପ୍ରଭାରୀ ଦାୟିତ୍ୱଥି ଥିବା ସମ୍ବଲ୍‌ପୁର୍ ଆଉ ଅନୁଗୁଲ୍ ଜିଲ୍ଲାକେ ଯାଇକରି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପମାନ୍‌କର୍ ସମୀକ୍ଷା କର୍‌ବେ । ସେନ୍ତା ସମ୍ବଲ୍‌ପୁର୍ ଆଉ ବର୍‌ଗଡ଼୍ ଜିଲ୍ଲା ନ ଧାନ୍ ଘିନା ଥିତିର୍ ଭିଲ୍ ସମୀକ୍ଷା କର୍‌ବେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମିଶନ୍ ଶକ୍ତି -ବୁଝାମଣାପତ୍ର          ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ବିଭାଗ୍ ଆଉ ପର୍ଯ୍ୟଟନ୍ ଆଉ ଆତିଥେୟତା ଦକ୍ଷତା ପରିଷଦ୍ ଭିତ୍‌ରେ ଗଲାକାଏଲ୍ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ଇ ବୁଝାମଣାପତ୍ର ଅନ୍‌ସାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ଟେଂଟ୍ ଭଡ଼ା, କେଟରିଂ ପରିଚାଲନା, ସେବା କ୍ଷେତ୍ରଥି ଉଦ୍ୟୋଗୀ ହେବାର୍ ଲାଗି ତାଲିମ୍ ଦିଆଯିବା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ୍ ରହିକରି ପର୍ଯ୍ୟଟନ୍ ଆଉ ଆତିଥେୟତା କ୍ଷେତ୍ରଥି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ୍ ହେବାର୍‌ଟାକେ ପ୍ରଶଂସା କରିଛନ୍ ।

ନୂଆଁ ସୃଜନ୍,ଷ୍ଟାର୍ଟଅପ୍ ପ୍ରତିଯୋଗିତା          ଆଇ.ଆଣ୍ଡ୍.ପି.ଆର୍

ଷ୍ଟାର୍ଟଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି ଅବ୍ସରେ ଭୁବ୍ନେଶ୍ୱର୍ ରମାଦେବୀ ମହିଲା ବିଶ୍ୱବିଦ୍ୟାଲୟ ନ ରାଜ୍ୟସ୍ତରୀୟ ନୂଆଁ ସୃଜନ୍ ଆଉ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆଏଜ୍ ମୁଲ୍ ହେବା । ଦୁଇ ଦିନିଆ କାର୍ଯ୍ୟକ୍ରମ୍‌କେ ରାଜ୍ୟସୂଚନା ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜାରାଣୀ ସଂଗୀତ୍ ଉତ୍ସବ୍          ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ ରାଜାରାଣୀ ମନ୍ଦିର୍ ପରିସର୍ ନ ଥିବା ମୁକ୍ତାକାଶ ରଙ୍ଗମଂଚ ନ ଆଏଜ୍‌ଠାନୁ ରାଜାରାଣୀ ସଂଗୀତ୍ ଉତ୍ସବ୍ ମୁଲ୍ ହେବା । ୩ ଦିନିଆ ମହୋତ୍ସବ୍‌ର ପହେଲା ଦିନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ପ୍ରବାସୀ ଶ୍ରମିକ ସଚେତନତା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ସିଆଲ୍‌ଟି ପଂଚାୟତ୍ ବେଲର୍‌ଦନା ଗାଁ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ପ୍ରବାସୀ ଶ୍ରମିକ

ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାପାଲ୍ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ରହିକରି ଲୁକ୍କୁ ଦାଦନ୍ ଖଟି ଯିବାର୍ ବଦ୍ଲେ ନିଜର୍ ଭିଟାମାଟି ନ ରହିକରି ସର୍କାରୀ ସୁବିଧା ସୁଯୋଗ୍ ଜରିଏ ଜୀବନ୍ ଜୀବ୍କା ଅପ୍ନାବାର୍ ଲାଗି ବୁଝେଇଛନ୍ ।

ଧାନ୍ଘିନା       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଇବଛର୍ ୧୭ ଲାଖ୍ ୭୪ ହଜାର୍ କ୍ୱିଂଟାଲ୍ ଖରିଫ୍ ଧାନ୍ ଘିନା ଲକ୍ଷ୍ୟ ଧାରିଜ୍ କରାଯାଇଥିଲା । ସେଥିର୍ଭିତ୍ରୁ ଏବ୍ତକ୍ ୯୪ ପ୍ରତିଶତ୍ ଧାନ୍ ଘିନା ଲକ୍ଷ୍ୟ ହାସଲ୍ ହେଇଛେ ବଲି ଯୋଗାଣ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଗଲାବଛର୍ ମୋଟ୍ ୧୭ ଲାଖ୍ କ୍ୱିଂଟାଲ୍ନୁ ଅଏତ୍କା ଧାନ୍ ଘିନାଯାଇଥିଲା ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା କାଏଲ୍ ତକ୍ ଶୀତ୍ ଜାରି ରହେବା । ପର୍ଦିନ୍ଠାନୁ ପଶ୍ଚିମାଝଡ଼ର୍ ପ୍ରଭାବ୍ଥି

ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ ବଢ଼୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ସୁନ୍ଦରଗଡ଼ ସହେତେ ୮ଟା ଜିଲ୍ଲା ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।